# NATIONAL NEWS BULLETIN (ODIA)

**1 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗରିବ ଏବଂ ମଧ୍ୟବିତ୍ତ ପରିବାରବର୍ଗଙ୍କ କଲ୍ୟାଣକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ

- ନୂତନ ଆର୍ଥିକ ବର୍ଷ ଆରମ୍ଭ ସହ ଆଜିଠାରୁ କାର୍ଯ୍ୟକାରୀ ହେଲା ଆର୍ଥିକ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପ

- ୨୦୨୭ ଜନଗଣନା ପ୍ରକ୍ରିୟାରେ ୱେବପୋର୍ଟାଲରେ ନାଗରିକଙ୍କ ପାଇଁ ଆଜିଠାରୁ ଆରମ୍ଭ ହେଲା ସିଧାସଳଖ ବିବରଣୀ ପ୍ରଦାନ ବ୍ୟବସ୍ଥା

- ୯୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍

# ପିଏମ୍ -ଆସାମ ଭିଜିଟ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗରିବ ଏବଂ ମଧ୍ୟବିତ୍ତ ପରିବାରବର୍ଗଙ୍କ କଲ୍ୟାଣ ପାଇଁ ସରକାର ସର୍ବଦା ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଆସିଛି। ଆସାମର ଗୋଗାମୁଖଠାରେ ଆଜି ଏକ ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ସମାବେଶୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ବିଜେପି ନିରନ୍ତର ଭିତ୍ତିଭୂମି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି। ଏନ୍.ଡି.ଏ. ଶାସନ ଅମଳରେ ଆସାମରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। ଡବଲ ଇଞ୍ଜିନ୍ ସରକାର ରାଜ୍ୟରେ ନିରନ୍ତର ଶାନ୍ତି ପରିବେଶ ସୃଷ୍ଟି କରିପାରିଛନ୍ତି ଏବଂ ଯୁବବର୍ଗଙ୍କୁ ହିଂସାରୁ ଦୂରେଇ ରଖି ସୁରକ୍ଷିତ ଭବିଷ୍ୟତ ଆଡ଼କୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ମୋରିଗାଓଁଠାରେ ଆଗାମୀ ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା ସହ ଖୁବ୍‌ଶୀଘ୍ର ସେମିକଣ୍ଡକ୍ଟର ଚିପ୍‌ସ ଉତ୍ପାଦନ କ୍ଷେତ୍ରରେ ଆସାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି। ଦଳୀୟ ନିର୍ବାଚନ ଇସ୍ତାହାର ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଗରିବ ଛାତ୍ରଛାତ୍ରୀଙ୍କୁ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷା ଭିତ୍ତିଭୂମି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ। ରାଜ୍ୟର ଶିକ୍ଷା କ୍ଷେତ୍ରରେ ନିବେଶକୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ଇସ୍ତାହାରରେ ସାମିଲ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି। ରାଜ୍ୟର ଆଦିବାସୀ ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଏକକ ନାଗରିକ ସଂହିତା କାର୍ଯ୍ୟକାରୀ କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ

ଦିବ୍ରୁଗଡ଼ଠାରେ ପ୍ରଧାନମନ୍ତ୍ରୀ ଚା' ବଗିଚା ଶ୍ରମିକଙ୍କ ସହ ମତବିନିମୟ କରିଥିଲେ।

# ନ୍ୟୁରୁଲ୍ସ- ଏପ୍ରିଲ

ନୂତନ ଆୟକର ଆଇନ-୨୦୨୫ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବା ସହିତ ଆର୍ଥିକ ନିୟମ ପରିବର୍ତ୍ତନ ନେଇ କେତେକ ସଂସ୍କାରମୂଳକ ପଦକ୍ଷେପ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ୬ ଦଶନ୍ଧିରୁ ଅଧିକ ପୁରାତନ ଆୟକର ଆଇନରେ ହୋଇଥିବା ସଂଶୋଧନ କରଦାତାଙ୍କ ପାଇଁ ଅନୁପାଳନକୁ ଅଧିକ ସରଳ କରିବ। ଜଟିଳ ନିୟମ ଗୁଡ଼ିକୁ ସରଳତାର ସହ କାର୍ଯ୍ୟକାରୀ କରାଯିବା ପାଇଁ ଏହି ସଂଶୋଧିତ ଆଇନ ପ୍ରସ୍ତୁତ ହୋଇଛି। ଦେଶରେ ସମସ୍ତ ଡିଜିଟାଲ ପେମେଣ୍ଟ ଦେଣନେଣକୁ ଦୁଇ ପର୍ଯ୍ୟାୟ ପ୍ରମାଣିକରଣ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏହି ବ୍ୟବସ୍ଥା ଆଜିଠାରୁ ଲାଗୁ ହୋଇଛି। ଚଳିତ ଆର୍ଥିକ ବର୍ଷ ପାଇଁ ସଂଶୋଧିତ ଫାଷ୍ଟ ଟ୍ୟାଗ୍ ବାର୍ଷିକ ଦେୟ ମଧ୍ୟ ଆଜିଠାରୁ ଲାଗୁ ହୋଇଛି। ସ୍ଥାୟୀ ଆକାଉଣ୍ଟ ନମ୍ବର ପାନ୍‌କାର୍ଡ ପାଇଁ ଆବେଦନ କିମ୍ବା ଏହାକୁ ଅପଡେଟ୍ କରିବା ନେଇ ସଂଶୋଧିତ ନିୟମ ମଧ୍ୟ ଆଜିଠାରୁ କାର୍ଯ୍ୟକାରୀ ହୋଇଛି।

## ସେନ୍‌ସସ୍

ଦେଶ ବ୍ୟାପି ୨୦୨୭ ଜନଗଣନା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ହେଉଥିବା ଏହି ଗଣନାର ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା କରାଯିବ । ପ୍ରଥମଥର ପାଇଁ ଡିଜିଟାଲ୍ ଭାବରେ କରାଯାଉଥିବା ଗଣନାରେ ନାଗରିକଙ୍କ ପାଇଁ ନିଜେ ଗଣନା କରିବାର ବିକଳ୍ପ ମଧ୍ୟ ଉପଲବ୍ଧ ରହିଛି । ଆଜିଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଗଣନାରେ ଆବାସ ତାଲିକା ପ୍ରସ୍ତୁତ କରାଯିବ । ୧୬ ତାରିଖରୁ ଆବାସ ଗଣନା ଆରମ୍ଭ ହୋଇ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଆବାସ ସର୍ଭେ ପୂର୍ବରୁ ନାଗରିକ ୱେବ୍ ପୋର୍ଟାଲ୍‌ରେ ସିଧାସଳଖ ନିଜର ବିବରଣୀ ପ୍ରଦାନ କରିପାରିବେ । ୧୬ଟି ଭାଷାରେ ଏହି ବିବରଣୀ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ନାଗରିକଙ୍କ ପ୍ରଦତ୍ତ ତଥ୍ୟକୁ ସରକାର ସୁରକ୍ଷିତ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଆସନ୍ତା ବର୍ଷ ଫେବୃୟାରୀ ମାସରେ ଜନସଂଖ୍ୟା ଗଣନା କରାଯିବ ।

## ପୁଡୁଚେରୀ- ଇଲେକସନ୍

ପୁଡୁଚେରୀରେ ଆଦର୍ଶ ଆଚରଣ ସଂହିତାକୁ କଡ଼ାକଡ଼ି ଭାବେ ପାଳନ କରିବା ଲକ୍ଷ୍ୟ ନେଇ ପୁଡୁଚେରୀ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତ ୩୦ଟିଯାକ ବିଧାନସଭା ମଣ୍ଡଳୀରେ ଡ୍ରୋନ୍ ମାଧ୍ୟମରେ ଯାଞ୍ଚ ବ୍ୟବସ୍ଥା ଲାଗୁ ହୋଇଛି। ମାନାଣ୍ଡିପେଟ୍ ନିର୍ବାଚନମଣ୍ଡଳୀରେ ଡ୍ରୋନ୍ ପେଟ୍ରୋଲିଂ ସମୟରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବଣ୍ଟନର ଅଭିଯୋଗ ହସ୍ତଗତ ହୋଇଛି। ଏଥିରେ ସାମିଲ ଥିବା ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୫୫ ହଜାର ଟଙ୍କା ଜବତ ହୋଇଛି। ମଙ୍ଗଳମ୍ ନିର୍ବାଚନ ମଣ୍ଡଳୀରେ ଅନ୍ୟ ଏକ ଘଟଣାରେ ଏକ ଦୁଇଚକିଆ ଗାଡ଼ି ସହିତ ଦୁଇ ଜଣ ବ୍ୟକ୍ତିଙ୍କୁ ୧୧ ହଜାର ୩୦୦ ଟଙ୍କା ସହ ଅଟକ ରଖାଯାଇଛି। ପୁଡୁଚେରୀର ମୁଖ୍ୟ ନିର୍ବାଚନ ଅଧିକାରୀ  ପି.ଜବାହାର କହିଛନ୍ତି, ଏହି କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟ ନେଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସି.ଭିଜିଲ ଆପ୍ କିମ୍ବା ସହାୟକ ନମ୍ବର ୧୯୫୦ ମାଧ୍ୟମରେ ଆଚରଣ ସଂହିତା ଉଲ୍ଲଘଂନ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରିବାକୁ ନାଗରିକଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅନୁରୋଧ କରିଛନ୍ତି।

# ଜେକେ ଟେରରିଷ୍ଟ କିଲ୍ଡ

ଜାମ୍ମୁକାଶ୍ମୀରର ଗନ୍ଦେରୱାଲ ଜିଲ୍ଲାରେ ସୁରକ୍ଷାକର୍ମୀ ଓ ସନ୍ତ୍ରାସବାଦୀଙ୍କ ମଧ୍ୟରେ ଗୁଳିବିନିମୟରେ ଜଣେ ସନ୍ତ୍ରାସବାଦୀଙ୍କ ମୃତ୍ୟୁ ଘଟିଛି। ସମ୍ପୃକ୍ତ ଅଞ୍ଚଳରେ ସନ୍ତ୍ରାସବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବର ମିଳିବା ପରେ ସେନାବାହିନୀ ଓ ଜାମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ମିଳିତ ଚଢ଼ଉ ଅଭିଯାନ ଜାରି ରହିଛି।

# ଉତ୍କଳ ଦିବସ

ଓଡ଼ିଶା ଆଜି ପାଳନ କରୁଛି ୯୧ତମ ପ୍ରତିଷ୍ଠା ଦିବସ । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠିତ ହୋଇଥିଲା । ଉତ୍କଳ ଦିବସ' ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ଉତ୍କଳ ଦିବସ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଆଜିର ଦିବସରେ ଓଡ଼ିଶା ତାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପରମ୍ପରାର ଉତ୍ସବ ପାଳନ କରୁଛି । ଦେଶ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅତୁଳନୀୟ ଅବଦାନ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ ଆଜି ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ପ୍ରଗତି କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଓଡ଼ିଶା ସମୃଦ୍ଧ ସାଂସ୍କୃତିକ ପରମ୍ପରା ଓ ମହାନ ଆଧ୍ୟାତ୍ମିକତାର ପ୍ରତୀକ ।  ଓଡ଼ିଆ ସଂଗୀତ, କଳା ଓ ସାହିତ୍ୟ ବିବିଧ ଭାବରେ ଦେଶକୁ ସମୃଦ୍ଧ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ବିକାଶ କ୍ଷେତ୍ରରେ ଓଡ଼ିଶା ନୂତନ ଶିଖରରେ ପହଁଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

## ଏଲ୍‌ପିଜି ପ୍ରାଇସ ହାଇକ୍

ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ମେଟ୍ରୋ ପଲିଟାନ୍ ସହରଗୁଡ଼ିକ ପାଇଁ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇଛି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଇଣ୍ଡିଆନ ଅଏଲ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସୂଚନା ଦିଆଯାଇଛି । ସିଲିଣ୍ଡରର ମୂଲ୍ୟ ୧୯୫ ଟଙ୍କା ୫୦ ପଇସା ବୃଦ୍ଧି ପାଇଛି । ଦିଲ୍ଲୀରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୨ ହଜାର ୭୮ ଟଙ୍କା

୫୦ ପଇସା ହୋଇଥିବାବେଳେ କୋଲକାତାରେ ୨ ହଜାର ୨୦୮ ଟଙ୍କା, ମୁମ୍ବାଇରେ ୨ ହଜାର ୩୧ ଟଙ୍କା ଏବଂ ଚେନ୍ନାଇରେ ୨ ହଜାର ୨୪୬ ଟଙ୍କା ୫୦ ପଇସା ହୋଇଛି। ୧୯ କିଲୋଗ୍ରାମ ବିଶିଷ୍ଟ ଏହି ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରଗୁଡ଼ିକର ବର୍ଦ୍ଧିତ ମୂଲ୍ୟ ଆଜିଠାରୁ ଲାଗୁ ହୋଇଛି।

## ଜିଏସ୍‌ଟି କଲେକସନ ମାର୍ଚ୍ଚ

ଗତ ମାର୍ଚ୍ଚ ମାସରେ ଦେଶରେ ଦ୍ରବ୍ୟ ଏବଂ ସେବାକର ଜିଏସ୍‌ଟି ସଂଗ୍ରହ ୮ ଦଶମିକ ୮ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ କୋଟିରୁ ଅଧିକ ହୋଇଛି। ଗତ ବର୍ଷ ମାର୍ଚ୍ଚ ମାସରେ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧ ଲକ୍ଷ ୮୩ ହଜାର କୋଟି ଟଙ୍କା ହୋଇଥିଲା। ଅର୍ଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଗତ ମାସରେ ସଂଗୃହୀତ ଜିଏସ୍‌ଟି ମଧ୍ୟରେ ୪୦ ହଜାର ୫୪୯ କୋଟି ଟଙ୍କା କେନ୍ଦ୍ରୀୟ ଏବଂ ୫୩ ହଜାର ୨୬୮ କୋଟି ଟଙ୍କା ରାଜ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ। ସମନ୍ୱିତ ଆଇ.ଜି.ଏସ୍.ଟି. ସଂଗ୍ରହ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ଗତ ଆର୍ଥିକ ବର୍ଷରେ ମୋଟ୍ ଜିଏସ୍‌ଟି ସଂଗ୍ରହ ୨୨ ଲକ୍ଷ କୋଟି ଟଙ୍କାରେ ପହଁଞ୍ଚିଛି। ଗତ ବର୍ଷ ହୋଇଥିବା ରେକର୍ଡ ସଂଖ୍ୟକ ସଂଗ୍ରହ ୨୦ ଲକ୍ଷ କୋଟି ତୁଳନାରେ ୮ ଦଶମିକ ୩ ପ୍ରତିଶତ ଅଧିକ।

## ଜାମ୍ମୁ-ଛାପ୍ରା ସ୍ପେଶାଲ ଟ୍ରେନ୍

ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଜାମ୍ମୁତାୱି ଏବଂ ଛପ୍ରା ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୬ ତାରିଖରୁ ଏହି ସେବା ଆରମ୍ଭ ହେବ। ବିହାର, ଉତ୍ତରପ୍ରଦେଶ ଏବଂ ପଞ୍ଜାବକୁ ଯାତାୟାତ କରୁଥିବା ଯାତ୍ରୀ ଏହି ସେବା ଦ୍ୱାରା ସୁଫଳ ପାଇବେ। ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଟ୍ରେନ୍‌ଟି କଠୁଆ, ପଠାଣକୋଟ କ୍ୟାଣ୍ଟ, ଜଳନ୍ଧର କ୍ୟାଣ୍ଟ, ଲୁଧିଆନା, ଅମ୍ବାଲା କ୍ୟାଣ୍ଟ, ସହାରାନପୁର, ମୁରାଦାବାଦ, ବରେଲୀ, ଗୋରଖପୁର ଏବଂ ଛପ୍ରା କଚେରୀ ସମେତ ପ୍ରମୁଖ ଷ୍ଟେସନ୍‌ଗୁଡ଼ିକରେ ରହଣି କରିବ। ଏଥିରେ ସାଧାରଣ ବଗିଠୁ ଆରମ୍ଭ କରି ଏସି ଏବଂ ସ୍ଲିପର କୋଚ୍‌ର ମଧ୍ୟ ସୁବିଧା ରହିଛି। ପ୍ରବଳ ଯାତ୍ରୀଭିଡ଼କୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ସେବା ଆରମ୍ଭ କରାଯାଇଛି। ଆଇ.ଆର୍.ସି.ଟି.ସି. କିମ୍ବା ରେଳ ଟିକଟ ପ୍ରଦାନ କେନ୍ଦ୍ରଠାରେ ଟିକେଟ୍ ବୁକିଂ କରିବାକୁ ଯାତ୍ରୀମାନଙ୍କୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

## କୋଲକାତା- ଇଡି ରେଡ୍‌ସ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ– ଇଡି ବେଆଇନ ଆର୍ଥିକ କାରବାର ମାମଲାରେ କୋଲକାତାର ଅନେକ ସ୍ଥାନରେ ଚଢ଼ଉ କରୁଛି। ଅନ୍ୟପକ୍ଷରେ ସାଇବର ଠକେଇ ମାମଲାରେ ଗତକାଲି କୋଲକାତାରେ ଗିରଫ ହୋଇଥିବା ଶିଳ୍ପପତି ପବନ ରୁଇଆଙ୍କୁ ଆଜି କୋର୍ଟରେ ହାଜର କରାଯିବ। ଏହାପୂର୍ବରୁ ପୋଲିସ ପାବନ ରୁଇଆ ଏବଂ ରାଘବ ରୁଇଆଙ୍କ ବିରୋଧରେ ୩୨୫ କୋଟି ଟଙ୍କାର ସାଇବର ଠକେଇ ଘଟଣାରେ ଦୁଇଟି ମାମଲା ରୁଜୁ କରିଥିଲା। ସମ୍ଭାବ୍ୟ ଗିରଫ ବିରୋଧରେ କଲିକତା ହାଇକୋର୍ଟରେ ସେମାନେ କରିଥିବା ଆବେଦନକୁ  କୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ବିଜୟୀ ହୋଇଛି । ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଜୁବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍

ଷ୍ଟାଡିୟମ୍‌ଠାରେ ଗତ ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍ ଗୁଜରାଟ ଟାଇଟନ୍ସକୁ ୩ ଓ୍ୱିକେଟ୍‌ରେ ପରାସ୍ତ କରିଛି ।